<?xml version="1.0" ?>			
<?xml-stylesheet type="text/css" href="home.css"?>			
<Doc id="ori-w-media-	OR00070	"	lang="Oriya">
<Header type="text">|			
<encodingDesc>			
<projectDesc>	CIIL-Oriya Corpora, Monolingual Written Text		</projectDesc>
<samplingDesc>	Simple written text only has been transcribed. Diagrams, pictures, tables and verses have been omitted. Samples taken from page 2-3, 64-65, 90-91, 120-121, 154-155, 188-189, 214-215, 246-247, 274-275, 308-309		</samplingDesc>
</encodingDesc>			
<sourceDesc> <biblStruct> <source>			
	<category>	Aesthetics	</category>
	<subcategory>	Literature – Novels	</subcategory>
	<text>	Book	</text>
	<title>	sUryYabaMshI	</title>
	<vol>		</vol>
	<issue>		</issue>
</source>			
<textDes>			
	<type>		</type>
	<headline>		</headline>
	<author>	DakTara hemanta kumAra mahApAtra	</author>
	<words>	3932	</words>
</textDes>			
<imprint>			
	<pubPlace>	India-Cuttack	</pubPlace>
	<publisher>	bidYA prakAshana	</publisher>
	<pubDate>	1999	</pubDate>
</imprint>			
<idno type="CIIL code">		CIIL 65884	</idno>
<index>		OR00070	</index>
</biblStruct> </sourceDesc>			
<profileDesc> <creation>			
	<date>	11-May-2009	</date>
	<inputter>	Sunil Kumar Pattanayak	</inputter>
	<proof>	Pramod Kumar Rout, Kshirod kumar Das	</proof>
</creation>			
<langUsage>		Oriya	</langUsage>
<wsdUsage>			
<writingSystem id="ISO/IEC 10646">Universal Multiple-Octet Coded Character Set (UCS). </writingSystem>			
</wsdUsage>			
<textClass>			
<channel mode="w">|		Print	</channel>
<domain type="public">|			</domain>
</textClass> </profileDesc>			

</Header>		
<text><body>		
	କିଛି ଗୋଟାଏ ନିଷ୍ପତ୍ତି ସେ କରିନେବେ, ଆଜି ଏହି ପବିତ୍ର ସାଗର ବେଳାରେ । ଏ ବ୍ୟଥା, ଏ ବେଦନା, ଏ ଆତ୍ମସନ୍ତାପର ଇତି କରିଦେବେ ସେ । ଯଦି ଆଦିପୁରୁଷଙ୍କ ସୃଷ୍ଟି ପଛରେ ନିହିତ ଥାଏ ଏହିପରି ହୀନ ଅଭିଳାଷ, ଗୋଟାଏ ଜାତି ସୃଷ୍ଟିକରି ତାକୁ ପଂଗୁ, ହୀନବୀର୍ଯ୍ୟ, ହତଶ୍ରୀ କରିବାର ଯଦି ଥାଏ କାମନା, ସେ କାହିଁକି ହେବେ ଏହି ଜଘନ୍ୟ ଷଡ଼ଯନ୍ତ୍ରର କାରଣ ? କେଉଁ ମାଁ, ନଚାହେଁ ପୁତ୍ର ତାର ବଳଶାଳୀ ହେଉ, ବୀର୍ଯ୍ୟବନ୍ତ ହେଉ । ନିଜର ପରିଚୟ ଓ ପ୍ରତିଭାରେ ଦଶଦିଶ ଉଦ୍‌ଭାସିତ କରୁ ! ତାର ଜ୍ଞାନଗାରିମା, ବଳବୀର୍ଯ୍ୟ, ଶକ୍ତିସାମର୍ଥ୍ୟରେ ଆଲୋକିତ ହେଉ ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ, ଐଶାନ୍ୟ, ଅଗ୍ନାୟ, ନୈରୂତ, ବାୟବ୍ୟ, ଅର୍ଦ୍ଧ ଓ ଉର୍ଦ୍ଧ୍ୱ ।	
	ଅଥଚ ଆଜି ପର୍ଯ୍ୟନ୍ତ ସେ କେବଳ ପ୍ରତାରିତା ହିଁ ହୋଇଛନ୍ତି । କେହି ଜଣେ ହେଲେ ଭୂପତି, ଉତ୍କଳର ସମ୍ରାଟ ହୋଇ ତାଙ୍କୁ ଗରିମାମୟ କରିନାହାନ୍ତି । କାହାକୁ ନେଇ ଆତ୍ମଗର୍ବରେ ଉଦ୍‌ବେଳିତ ହେବାର ଅବକାଶ ସେ ପାଇନାହାନ୍ତି । ଏହି କଳିଂଗବାସୀଙ୍କ ଉପରେ ଆଧିପତ୍ୟ ବିସ୍ତାର କରିବା ପାଇଁ ମଗଧ ସମ୍ରାଟ ଅଶୋକ କଳିଙ୍ଗ ଆକ୍ରମଣ କରିଛନ୍ତି । ସେତେବେଳର ସେହି ବିୟୋଗାତ୍ମକ ହୃଦୟ ବିଦାରକ ଦୃଶ୍ୟ, ନରହତ୍ୟା, ରକ୍ତପାତ, ହାହାକାର କଥା ମନେପଡ଼ିଲେ ଦେହ ଥରିଉଠେ ଜ୍ୟୋତିର୍ମୟୀଙ୍କର । ଭୟରେ ଶିହରି ଉଠନ୍ତି ସେ । ମଗଧ ସମ୍ରାଟଙ୍କ ଅଟ୍ଟହାସ୍ୟ, ମଗଧ ସୈନ୍ୟମାନଙ୍କର ତୂର୍ଯ୍ୟନାଦ ସାଙ୍ଗକୁ କଳିଙ୍ଗସେନାଙ୍କ ଆର୍ତ୍ତଚିତ୍କାର ସବୁ ମନେପଡ଼େ ଜ୍ୟୋତିର୍ମୟୀଙ୍କର । ମନେପଡ଼େ ମୃତାହତ କଳିଙ୍ଗସୈନ୍ୟଙ୍କ ପୁତ୍ରକନ୍ୟା, ସ୍ତ୍ରୀ ଭଗ୍ନୀମାନଙ୍କର ବୁକୁଫଟା କ୍ରନ୍ଦନ । ତଥାପି.. ତଥାପି.. ସେଦିନ ଜ୍ୟୋତିର୍ମୟୀ ଥିଲେ ଅସହାୟା । ଲକ୍ଷ ଲକ୍ଷ କଳିଙ୍ଗପୁତ୍ରମାନଙ୍କର ବୀରତ୍ୱ, ଆତ୍ମତ୍ୟାଗ, ଦେଶାତ୍ମବୋଧ ସତ୍ତ୍ୱେ ସେ ହୋଇଥିଲେ ନିର୍ଯ୍ୟାତିତା, ଭୂଲୁଣ୍ଠିତା ଏବଂ ଅପମାନିତା । କାରଣ ବିଶାଳ କଳିଙ୍ଗବାହିନୀ ଥିଲା ଅନେକ ଛୋଟ ବଡ଼ ସୈନ୍ୟଦଳର ସମାହାର । ଏହି ସୈନ୍ୟଦଳମାନଙ୍କ ମଧ୍ୟରେ ଯୋଗସୂତ୍ର ନଥିଲା କି କୌଣସି ପ୍ରକାର ଏକନିଷ୍ଠା ଯୋଜନା ନଥିଲା । ସେମାନେ ସମସ୍ତେ ଜୀବନକୁ ବାଜି ଲଗେଇ ଯୁଦ୍ଧ କରିଚାଲିଥିଲେ । କିନ୍ତୁ କେହି ଜାଣି ନଥିଲେ ଏ ଯୁଦ୍ଧର ଗତି କେଉଁଆଡ଼େ ! ତୁଚ୍ଛା ନିରୋଳା ଦେଶପ୍ରେମ ଓ ଆତ୍ମତ୍ୟାଗ ଯଦି ବିଜୟର ମାନଦଣ୍ଡ ହୋଇଥାନ୍ତା, ତେବେ ସେସବୁର ଅଭାବ ନଥିଲା ଜ୍ୟୋତିର୍ମୟଙ୍କ ପୁତ୍ରମାନଙ୍କ ପାଖରେ । କିନ୍ତୁ ସେହି ବୀରପୁତ୍ରମାନଙ୍କର ପ୍ରତିଭାକୁ ସଠିକ ଦିଗ୍‌ଦର୍ଶନ ଦେବାପାଇଁ ଥିଲା ନେତୃତ୍ୱର ଅଭାବ । ଅଭାବ ଥିଲା ସୁଚିନ୍ତିତ ଯୁଦ୍ଧ ଯୋଜନା ଓ ଫଳପ୍ରଦ ସମରକୌଶଳର ।	
	ସେଥିପାଇଁ ଧଉଳିପାହାଡ଼ର ପାଦଦେଶରେ ଥିବା ଯୁଦ୍ଧପ୍ରାନ୍ତରରେ କଳିଙ୍ଗସେନା ହାରିଥିଲା । କିନ୍ତୁ ଏତେ ଆତ୍ମତ୍ୟାଗ, ଏତେ ଦେଶପ୍ରେମ, ଏତେ ବୀରତ୍ୱ ଦେଖିବାପରେ ମଗଧର ବିଜୟୀ ସମ୍ରାଟ ଚଣ୍ଡାଶୋକ ସଢ଼ିଯାଇଥିଲେ ଆତ୍ମଗ୍ଲାନିରେ । କାହା ଉପରେ ସେ ଜାହିର କରିବେ ବିଜୟର ଆସ୍ପର୍ଦ୍ଧା ? ଧୀବର ରାଜକନ୍ୟା କାରୁବାକିକୁ ସେ ହୁଏତ ନେଇଯିବେ ପାଟଳିପୁତ୍ର । ହେଲେ କଳିଙ୍ଗଶ୍ରୀ ... ଶ୍ରୀହୀନ ହୋଇଯିବ ସିନା ! ସିଏତ ଆଉ ଚାଲିଯିବନି ପାଟଳିପୁତ୍ର ବିଜୟୀବୀରଙ୍କ ଅଙ୍କମଣ୍ଡନ କରିବାକୁ ।	
	ସେଦିନ ଜ୍ୟୋତିର୍ମୟୀ ଦେଖିଥିଲେ ପ୍ରେମିକ କଳିଙ୍ଗ ରାଜକୁମାରଙ୍କ ଆତ୍ମତ୍ୟାଗ ପ୍ରେମର ଚରମ ପରୀକ୍ଷା । କାରୁବାକିର ସୁରକ୍ଷା ପାଇଁ ତାଙ୍କର ପ୍ରଚେଷ୍ଟା, ସଂଗ୍ରାମ । ଜୀବନକୁ ବାଜିଲଗେଇ ଯୁଦ୍ଧକ୍ଷେତ୍ରକୁ ଝାସ ଦେଇଥିଲେ ସେ । ସବୁ ମନେଅଛି ତାଙ୍କର । ମଗଧ ସେନାଙ୍କର ସେ ଉଦ୍ଧତ ତରବାରି, କଳିଙ୍ଗ ରାଜକୁମାରଙ୍କ ଛିନ୍ନ ମସ୍ତିଷ୍କ । ଏହି ଯୁଦ୍ଧର ସମାପ୍ତି ପରେ ଚଣ୍ଡାଶୋକ ପରିଣତ ହୋଇଥିଲେ ଧର୍ମାଶୋକରେ । ଦେବାନାଂ ପ୍ରିୟ ପ୍ରିୟଦର୍ଶୀ ଅଶୋକ । ବନ୍ଦିନୀ କାରୁବାକୀଙ୍କ ସହିତ ଆଶୋକ କରିଥିଲେ	

	ମଗଧ ଯାତ୍ରା । ସବୁ ମନେଅଛି ଜ୍ୟୋତିର୍ମୟୀଙ୍କର । ରାଜରାଣୀ ହୋଇ କାରୁବାକି ହୁଏତ ଭୁଲିଥିବ ତା'ର ନିରର୍ଥକ ପ୍ରେମର ବିଡ଼ମ୍ବିତ ଇତିହାସ । ପାଟଳିପୁତ୍ର ରାଜପ୍ରାସାଦର ଚାକଚକ୍ୟରେ ସେ ହୁଏତ ଭୁଲିଥିବ ମାତୃଭୂମିର ମମତା । କିନ୍ତୁ ଜ୍ୟୋତିର୍ମୟୀ ଭୁଲିନାହାନ୍ତି କିଛି ହେଲେ । ଅପମାନ, କ୍ଷୋଭ, ଯନ୍ତ୍ରଣାରେ କେତେ ସଢ଼ିଛନ୍ତି ସେ । କାନ୍ଦି ସେ ଅପେକ୍ଷା କରିଛନ୍ତି ଜଣେ କଳିଙ୍ଗ ନରପତିଙ୍କୁ, ଯିଏ ନେଇପାରିବ ମଗଧ ଉପରେ ଏହି ଅପମାନର ପ୍ରତିଶୋଧ । ଫେରାଇ ଆଣିପାରିବ କଳିଙ୍ଗର ଗର୍ବ ଗୌରବ । ପୁଣି ସେହି ଅପେକ୍ଷା ... । ବର୍ଷ ବର୍ଷର, ଯୁଗ ଯୁଗର, ଶତାବ୍ଦୀ ଶତାବ୍ଦୀର । ପରାଧୀନ କଳିଙ୍ଗ କେବେ ସ୍ୱାଧୀନ ହେବ ?	
	"ଆପଣ ଅଯଥା ଉତ୍କ୍ଷିପ୍ତ ହେଉଛନ୍ତି ଛାମୁ ! ଆପଣ ମୋର ପ୍ରଭୁ ! ଆପଣଙ୍କ ବିରୁଦ୍ଧରେ ଏପରି ଅଭିଯୋଗ ମୁଁ କଣ କେବେ କରିପାରେ ? କିନ୍ତୁ ଜଣେ ପ୍ରଜା ଭାବରେ ଆପଣଙ୍କର ହେଉ ବା ମହାରାଜ କପିଳନ୍ଦ୍ରଦେବଙ୍କର ହେଉ କୁଶଳ କାମନା କରିବା ମୋର କର୍ତ୍ତବ୍ୟ । ଗତରାତିରେ କିଛି ସମୟ ପାଇଁ ମୁଁ ମହାରାଜାଙ୍କ ପାଖେ ପାଖେ ଥିଲି । ସାଧାରଣ ଭାବରେ ଚେଷ୍ଟା କରିଥିଲି ଜାଣିବାକୁ ତାଙ୍କ ରୋଗର କାରଣ । ମୁଁ ବୈଦ୍ୟ ନୁହେଁ, କବିରାଜ ନୁହେଁ । କିନ୍ତୁ ମୁଁ ନିର୍ଦ୍ଦିଷ୍ଟ ଭାବରେ କହିପାରେ ମହାରାଜାଙ୍କର ଏ ବ୍ୟାଧି ଅଧିକତର ମାନସିକ । ପ୍ରଥମେ ସେ ଶାରୀରିକ ପୀଡ଼ାର ସମ୍ମୁଖୀନ ହୋଇଥିଲେ । ସେଇଠାରୁ ଆରମ୍ଭ ହେଲା ମହାରାଜାଙ୍କ ମନରେ ଆଶଙ୍କା ଓ ଭୟ । ଏ ବ୍ୟାଧି ତାଙ୍କୁ ଲକ୍ଷପଥରୁ ବିଚ୍ୟୁତ କରିବ ନାହିଁ ତ ! ସେତିକିବେଳେ ଥିଲା ମହାରାଜାଙ୍କ ମନରେ ରାଜ୍ୟଜୟ ଏବଂ ଶତ୍ରୁନିଧନର ଦୁର୍ବାର ଲାଳସା । ଏତେ ଟିକେ ବିଳମ୍ବ ଥିଲା ତାଙ୍କ ପାଇଁ ଅସହ୍ୟ । କିନ୍ତୁ ବ୍ୟାଧି ସାମାନ୍ୟ ହେଲେ ମଧ୍ୟ, ଅନାବଶ୍ୟକୀୟ ରାଜକୀୟ ନିଦାନ ତା ଉପରେ ସୃଷ୍ଟି କଲା ଏକ ଅହେତୁକ ପ୍ରହେଳିକା । ଯୁଦ୍ଧଯାତ୍ରା ପାଇଁ ସୁଯୋଗ ମିଳିଲା ନାହିଁ ତାଙ୍କୁ । ରାଜ ଅନୁଗ୍ରହପ୍ରାପ୍ତି ନିମିତ୍ତ ବୈଦ୍ୟ, କବିରାଜଙ୍କ ଧାଡ଼ି ଲାଗିଲା । ଏପରି ଅବସ୍ଥାରେ ରୋଗ ପ୍ରଶମିତ ହେବା ତ ଦୂରର କଥା, ଦିନକୁଦିନ ଗଜପତିଙ୍କୁ କବଳିତ କରିବାରେ ଲାଗିଲା । ବର୍ତ୍ତମାନରେ ଏହି ଅବସ୍ଥା ରାଜାଙ୍କର ଅତିଶୟ ଆଶଙ୍କା ଓ ଭୟର ପରିଣାମ । ଏଠି ଅଭିଜ୍ଞ ରାଜବୈଦ୍ୟ ଉପସ୍ଥିତ ଅଛନ୍ତି ... ସେ ହିଁ କୁହନ୍ତୁ ମୋର ଏ ଅନୁଧ୍ୟାନ କଣ ଅଯୌକ୍ତିକ ?" ଏତକ କହି ପାର୍ବତୀ ଚାହିଁଲା ବୈଦ୍ୟରାଜଙ୍କ ମୁହଁକୁ ।	
	ଅନ୍ୟମାନଙ୍କର ବି ଉତ୍କଣ୍ଠା । ସେମାନେ ଚାହିଁଲେ ରାଜବୈଦ୍ୟଙ୍କ ମୁହଁକୁ । ରାଜବୈଦ୍ୟ ନୀରବ । ଏପରି ଅବସ୍ଥାରେ ମହାରାଜାଙ୍କୁ ଯୁଦ୍ଧଯାତ୍ରା ପାଇଁ ଅନୁରୋଧ କରୁଛି ପାର୍ବତୀ । ଗଜପତିଙ୍କ ସ୍ଥାୟୀ ପରିଚାରିକା ହେବା ପାଇଁ ତାହାହିଁ ତା'ର ସର୍ତ୍ତ । ତା ହେଲେ ଏ ପର୍ଯ୍ୟନ୍ତ ଚାଲିଥିବା ଚିକିତ୍ସା କଣ ଭ୍ରମାତ୍ମକ ? ସତରେ କଣ ରାଜାଙ୍କ ବ୍ୟାଧି ଏତେ ମାତ୍ରାରେ ମାନସିକ ? ଗଭୀର ଭାବରେ ଚିନ୍ତା କରୁଥିଲେ ରାଜବୈଦ୍ୟ । ହଠାତ୍ ସେ କିଛି ନିଷ୍ପତ୍ତିରେ ପହଞ୍ଚି ପାରୁ ନଥିଲେ । କିନ୍ତୁ ଆଶ୍ଚର୍ଯ୍ୟ, ଅନେକବାର ମହାରାଜାଙ୍କର ଶାରୀରିକ ପରୀକ୍ଷାରେ କଫ-ପିତ-ବାତର ଏତେ ଟିକେ ଅସଂଗତି ଲକ୍ଷ୍ୟ କରାଯାଉ ନଥିଲା । ତାହେଲେ ରାଜାଙ୍କର ବ୍ୟାଧି ମାନସିକ ନୁହେଁ ତ ଆଉ କଣ ?	
	ସମସ୍ତେ ଚାହିଁଛନ୍ତି ରାଜବୈଦ୍ୟଙ୍କ ନିଷ୍ପତ୍ତିକୁ । କି ଅସମ୍ଭବ ସର୍ତ୍ତ ଏହି ନଗଣ୍ୟ ପରିଚାରିକାର ! ଅଥଚ ତାକୁ ପୂରାପୂରି ଅବଜ୍ଞା କରି ହେଉନାହିଁ । ଏଥିରେ ହୁଏତ କିଛି ସତ୍ୟତା ଥାଇପାରେ । ତା'ର ସର୍ତ୍ତ ହୁଏତ ଓଡ଼ିଶାର ଗଜପତିଙ୍କ ଭବିଷ୍ୟତ ପ୍ରତି ଶୁଭପ୍ରଦ ହୋଇପାରେ ।	
	ଗଜପତି ମହାରାଜା ପ୍ରଶ୍ନ କଲେ ରାଜବୈଦ୍ୟଙ୍କୁ – "କି ଦ୍ୱିଧା ଆପଣଙ୍କର ରାଜବୈଦ୍ୟ ? ପାର୍ବତୀର ସର୍ତ୍ତ କଣ ଏକାବେଳକେ ଅମୂଳକ ? କୁହନ୍ତୁ ରାଜବୈଦ୍ୟ, ନିଷ୍ପତ୍ତି ଆପଣଙ୍କ ଉପରେ ।"	
	"ବର୍ତ୍ତମାନର ଅବସ୍ଥାରେ ଏହାହିଁ ଏକମାତ୍ର ବିକଳ୍ପ ମଣିମା । ... ମୁଁ କିନ୍ତୁ ଜାଣିପାରୁନି ପରିଚାରିକା	

	ବେଶରେ କିଏ ଏହି ପାର୍ବତୀ ? ହୁଏତ କପିଳେନ୍ଦ୍ରଦେବଙ୍କ ପାଇଁ ସେ ଏକ ନୈସର୍ଗିକ ବରଦାନ । ସେଥିପାଇଁ ଏ ଦୁଃସମୟରେ ଆବିର୍ଭାବ ତାଙ୍କର ।" ଏତକ କହିବାପରେ ରାଜବୈଦ୍ୟ ନମ୍ରତା ଓ କୃତଜ୍ଞତାରେ ଅଭିଭୂତ ହୋଇପଡ଼ିଲେ । ପାର୍ବତୀଙ୍କୁ ଚାହିଁ ତାଙ୍କ ଭିତରେ କିଛି ଦୈବୀଶକ୍ତିର ସତ୍ତାର ଅନ୍ୱେଷଣରେ ଥିଲେ ସେ ।	
	ପାର୍ବତୀ ନିଜକୁ ପ୍ରସ୍ତୁତ କରୁଥିଲେ ଭବିଷ୍ୟତର ଆହ୍ୱାନର ସମ୍ମୁଖୀନ ହେବାପାଇଁ । ଗଜପତି ଏ ପର୍ଯ୍ୟନ୍ତ ରୋଗମୁକ୍ତ ହୋଇନାହାନ୍ତି । ଯୁଦ୍ଧଯାତ୍ରା ସହଜସାଧ୍ୟ ନୁହେଁ । ଏଥିପାଇଁ କେବଳ ମାନସିକ ନୁହେଁ, ଦୈହିକ ଶକ୍ତି ମଧ୍ୟ ଦରକାର । ବନ୍ଧୁର ପଥ ଅତିକ୍ରମ କରିବାର ସାହାସ ମଧ୍ୟ ଦରକାର । ଏ ଅବସ୍ଥାରେ ଯୁଦ୍ଧଯାତ୍ରାର କଷ୍ଟସାଧ୍ୟ ଆହ୍ୱାନକୁ ସହ୍ୟ କରିପାରିବେ ତ କପିଳେନ୍ଦ୍ରଦେବ ? ତାଙ୍କର ଆକଳନ ମିଥ୍ୟା ପ୍ରମାଣିତ ହେବନି ତ ! ତଥାପି ନିଜ ଉପରୁ ବିଶ୍ୱାସ ହରାଇ ନଥିଲେ ପାର୍ବତୀ । ତାଙ୍କର ହୃଦ୍‌ବୋଧ ହେଉଥିଲା ତାଙ୍କର ସେବା ଓ ପ୍ରେରଣା ବଳରେ ଗଜପତି ପୂର୍ଣ୍ଣ ସୁସ୍ଥ ହୋଇଯିବେ । ତାଙ୍କ ମନରୁ ଉଭେଇଯିବ ଯୁଦ୍ଧଯାତ୍ରା । ସ୍ଥଗିତ ଜନିତ ଆଶଙ୍କା ଏବଂ ଅବସାଦ । ସେ ଫେରିପାଇବେ ଆତ୍ମଶକ୍ତି ।	
	"କିନ୍ତୁ କୁମାର, ଉତ୍ତର ସୀମାନ୍ତରେ ଯଦି ଯୁଦ୍ଧ ବହୁଦିନ ଧରି ଚାଲେ ? ଦୁଇ ଦୁଇଟା ଯୁଦ୍ଧକ୍ଷେତ୍ରରେ ପ୍ରବଳ ପରାକ୍ରମୀ ଶତ୍ରୁର ସମ୍ମୁଖୀନ ହେବା କଣ ସହଜସାଧ୍ୟ ? ଏହା ଯୁଦ୍ଧନୀତିର ପରିପନ୍ଥୀ ମଧ୍ୟ । ବରଂ ମୁଁ ଭାବୁଛି, ଆପାତତଃ ଦାକ୍ଷିଣାତ୍ୟରୁ ସୈନ୍ୟ ପ୍ରତ୍ୟାହାର କରି ଉତ୍ତର ସୀମାନ୍ତକୁ ଯାତ୍ରା କରିବା ଆମର କର୍ତ୍ତବ୍ୟ । ଉତ୍ତର ସୀମା ସୁରକ୍ଷିତ ହେବାପରେ ପୁନଶ୍ଚ ଦକ୍ଷିଣାଭିଯାନ ଆରମ୍ଭ କରାଯାଇପାରେ ।" ପ୍ରସ୍ତାବଦେଲେ ନିଜେ ଗଜପତି କପିଳେନ୍ଦ୍ରଦେବ ।	
	ଗଣଦେବ ଚୁପ୍‌ଚାପ୍ ବସିଥିଲେ । ଲଜ୍ଜା ଏବଂ ଅପମାନର ଚିହ୍ନ ତାଙ୍କ ମୁହଁରେ ସୁସ୍ପଷ୍ଟ । ଅନେକ ସେନାମୁଖ୍ୟର ନେତୃତ୍ୱ ନେଇଥିଲେ କେତେ ଯୁଦ୍ଧରେ ଲଢ଼ିଛନ୍ତି ସେ । ତାଙ୍କର ଦକ୍ଷତା ଓ କର୍ମନିଷ୍ଠା ଯୋଗୁ ସେ ଆଜି ଉତ୍କଳର ଅଶ୍ୱବାହିନୀର ମୁଖ୍ୟ ସେନାପତି । କନ୍ତୁ ଆଜିର ଏ ପରାଜୟ ଓ ପଳାୟନ ପରେ ତାଙ୍କର ମନୋବଳ ଭାଙ୍ଗିପଡ଼ିଛି । ଅଶ୍ୱବାହିନୀର ନେତୃତ୍ୱ ନେଇଥିଲେ ସେ ଆଜିର ଯୁଦ୍ଧରେ । ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ହୋଇଥିଲା ତାଙ୍କର ସଫଳତା ଉପରେ । କାରଣ ତାଙ୍କର ସଫଳତା ଉପରେ ନିର୍ଭର କରୁଥିଲା ଉତ୍କଳର ସୈନ୍ୟବାହିନୀର ସଫଳତା । କିନ୍ତୁ ଏ କଣ ହେଲା ? ବିଜୟନଗରର ଅଶ୍ୱବାହିନୀ ବାସ୍ତବିକ ଶିକ୍ଷିତ, ସୁଶୃଙ୍ଖଳିତ, କ୍ଷିପ୍ର ଓ ସମରନିପୁଣ । ଓଡ଼ିଶାର ଅଶ୍ୱବାହିନୀ ନିକୃଷ୍ଟତର ବୋଲି ପ୍ରମାଣିତ ହୋଇଗଲା ଏହି ଯୁଦ୍ଧକ୍ଷେତ୍ରରେ । ଏହାଠାରୁ ବଳି ଅପମାନ ଆଉ କଣ ଥାଇପାରେ ? ଗଣଦେବ ନୀରବ । ଜଣେ ପରାଜିତ, ଅପମାନିତ ସେନାପତି କି ମନ୍ତ୍ରଣାଦେବ ଗଜପତି କପିଳେନ୍ଦ୍ରଦେବଙ୍କୁ ?	
	ହମ୍ବୀର ଲକ୍ଷ୍ୟକରୁଥିଲେ ଗଣଦେବଙ୍କ ମାନସିକ ସନ୍ତୁଳନକୁ । ଦୃପ୍ତ ଗଣଦେବଙ୍କୁ ଗ୍ରାସ କରିଥିବା ହୀନମନ୍ୟତାକୁ । ତାଙ୍କ ପାଖକୁ ଉଠିଗଲେ ହମ୍ବୀର । ତାଙ୍କୁ ପ୍ରକୃତିସ୍ଥ କରିବାକୁ ଚେଷ୍ଟାକଲେ ।	
	"ଯୁଦ୍ଧରେ ଜୟ ପରାଜୟ ବିଧି ନିର୍ଦ୍ଦିଷ୍ଟ । ଗୋଟାଏ ପରାଜୟରେ ଭାଂଗିପଡ଼ିଲେ ... ମନୋବଳ ହରାଇ ବସିଲେ ଭବିଷ୍ୟତ ସମ୍ଭାବନାର ସମସ୍ତଦ୍ୱାର ବନ୍ଦ ହୋଇଯାଏ । ତାପରେ ରାଜମହେନ୍ଦ୍ରୀର ଏ ଯୁଦ୍ଧ ଦୁଇଟି ସମାନ ଶକ୍ତି ମଧ୍ୟରେ । ଏକ ସହଜସାଧ୍ୟ ବିଜୟ ଆଶାକରିବା ଏଠି ନିରର୍ଥକ । ତାପରେ ଏ ଯୁଦ୍ଧ ତ ଶେଷ ହୋଇଯାଇନି । ଆହୁରି ଅନେକ ସଂଗ୍ରାମ କରିବାକୁ ଅଛି । ଗୋଟାଏ ପରାଜୟରୁ ଶିକ୍ଷାଲାଭକରି ଦ୍ୱିତୀୟବାର ଆକ୍ରମଣ କରିବାର ଅଛି । ଦେଖିବ ଗଣଦେବ, ଏ କ୍ଷଣସ୍ଥାୟୀ ପରାଜୟ ଆମପାଇଁ ହେବ ଆଗାମୀ ବିଜୟର ପଥପ୍ରଦର୍ଶକ । ହଠାତ୍ ଏମିତି ଭାଙ୍ଗି ପଡ଼ିଲେ ଚଳିବ ?"	
	"ଠିକ୍ କହିଛନ୍ତି କୁମାର ହମ୍ବୀର । ସାମ୍ରାଜ୍ୟର ଭାଗ୍ୟର ଅନେକ ଉତ୍‌ଥାନ ପତନ ଆସେ ।	

	ଅନେକ ମାନ ଅପମାନ ଆସେ । ଅନେକ ଯଶସମ୍ମାନ ବି ଆସେ । କିନ୍ତୁ ସେଥିରେ ଅତିମାତ୍ରାରେ ବିବ୍ରତ ବା ଉତ୍‌ଫୁଲ୍ଲିତ ହେବାର କୌଣସି କାରଣ ନାହିଁ । ଉଭୟ ଅବସ୍ଥା ରାଷ୍ଟ୍ରପାଇଁ ଶୁଭପ୍ରଦ ନୁହେଁ । ତେବେ ସେସବୁ ପରିସ୍ଥିତିରୁ ଶିକ୍ଷାଲାଭ କରି ଭବିଷ୍ୟତପାଇଁ ସତର୍କହେବା ବୁଦ୍ଧିମାନ ବ୍ୟକ୍ତିର କର୍ତ୍ତବ୍ୟ । ଅତୀତକୁ ଭୁଲିଯାଅ ଗଣଦେବ । ବର୍ତ୍ତମାନ ଆମ ଆଗରେ ଅନେକ ସମସ୍ୟା ... ତାକୁ କେମିତି ସମ୍ମୁଖୀନ ହେବା ସେ ବିଷୟରେ ଚିନ୍ତାକର ।”	
	ଏତକ କହିବାପରେ କପିଳେନ୍ଦ୍ରଦେବ ସମସ୍ତଙ୍କୁ ଲକ୍ଷ୍ୟକଲେ । ସେ ନିଜେ ସାମାନ୍ୟ ବିଚଳିତ ନଥିଲେ । ଅନେକ ସଂଗ୍ରାମର ନାୟକ ସେ । ଏଇ ଟିକକ ଛନ୍ଦପତନରେ ସେ କାହିଁକି ଆତଙ୍କିତ ହେବେ ? ତଥାପି ସେ ଏକ ପ୍ରକାର ଧ୍ୟାନସ୍ଥ ଥିଲେ । ଭବିଷ୍ୟତ କର୍ମପନ୍ଥା ସେ ନିର୍ଦ୍ଦିଷ୍ଟ କରୁଥିଲେ ମନେମନେ । ଅନ୍ୟ ସମସ୍ତେ ପରାମର୍ଶ ଦେବେ । କିନ୍ତୁ ନିଷ୍ପତ୍ତି ତ ତାଙ୍କୁ ହିଁ ନେବାକୁ ପଡ଼ିବ । ହମ୍ବୀରଙ୍କ ଇଚ୍ଛା ଉଭୟ ସୀମାନ୍ତରେ ଯୁଦ୍ଧ ଅବ୍ୟାହତ ରହୁ । ଅନ୍ୟ କେତେଜଣ ସେନାପତି ଓ ସମର ବିଶାରଦଙ୍କର ମଧ୍ୟ ସେହି ମତାମତ । ଠିକ୍ କଥା ... ରାଜମହେନ୍ଦ୍ରୀ ଆକ୍ରମଣ ପରେ ପୁନଶ୍ଚ ପଛକୁ ଫେରିଯିବା ସମ୍ଭବ ନୁହେଁ । ରାଜମହେନ୍ଦ୍ରୀ ଓଡ଼ିଶାର ପାରମ୍ପରିକ ସୀମାରେଖା । ଏ ଯୁଦ୍ଧର ଜୟପରାଜୟ ଉପରେ ନିର୍ଭର କରୁଛି ଓଡ଼ିଶା ସାମ୍ରାଜ୍ୟର ଭବିଷ୍ୟତ । ଏ ଯୁଦ୍ଧରୁ ଛତ୍ରଭଂଗ ଦେଇ ପଳାୟନକଲେ ... ଦକ୍ଷିଣ ସୀମାନ୍ତ ଦୁର୍ବଳ ହୋଇଯିବ । ଉଭୟ ବିଜୟନଗରର ନରପତି ଓ ବାହମନୀର ହୟପତି ଓଡ଼ିଶା ଦଖଲ କରିବାକୁ ଉତ୍ସାହିତ ହେବେ ।	
	କପିଳନ୍ଦ୍ରଦେବ ପ୍ରକୃତିସ୍ଥ ହେଲେ । ସତେତ, ସେ ଆସିଥିଲେ ଶ୍ରୀଜଗନ୍ନାଥ ଧାମକୁ ଗୌଡ଼ବିଜୟ ପରେ ଶ୍ରୀକ୍ଷେତ୍ରାଧିପତିଙ୍କୁ ତାଙ୍କର କୃତଜ୍ଞତା ଜଣାଇବାକୁ । ଆଜି ସେ ଗୌଡ଼େଶ୍ୱର । କର୍ଣ୍ଣାଟ କଳବର୍ଗ ଏବେବି ଅବିଜିତ । ସେମାନଙ୍କ ଉପରେ ଆଧିପତ୍ୟ ବିସ୍ତାର ନ କରିବା ଯାଏ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଓଡ଼ିଶାର ପାରମ୍ପରିକ ସୀମା ମଧ୍ୟ ସୁରକ୍ଷିତ ନୁହେଁ । ତଥାପି ସେ କାଲି ଦିନଟି ଶ୍ରୀମନ୍ଦିରରେ କଟାଇବେ । ମନ୍ଦିରର ବ୍ୟବସ୍ଥା, ସେବାୟତମାନଙ୍କ କାର୍ଯ୍ୟରତ ତଦାରଖ କରିବେ । ଶ୍ରୀଜଗନ୍ନାଥଙ୍କ ସେବାରେ ନିଜକୁ ନିୟୋଜିତ କରିବେ ।	
	ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ ସମାପନ କରି ଜଳାଶ୍ରୟ ମଧ୍ୟରେ ପ୍ରାଚୀ ଆକାଶକୁ ଚାହିଁ ବାଳାରୁଣର ପ୍ରତୀକ୍ଷା କରୁଥିଲେ ଗଜପତି କପିଳନ୍ଦ୍ରଦେବ । ସୂର୍ଯ୍ୟମନ୍ତ୍ର ଉଚ୍ଚାରଣ ଓ ଉଦୟରବିଙ୍କୁ ପ୍ରଣିପାତ ପରେ କପିଳନ୍ଦ୍ରଦେବ ନବବସ୍ତ୍ର ପରିଧାନ କରି ଶ୍ରୀମନ୍ଦିର ଦ୍ୱାରରେ ଉପସ୍ଥିତ ହୋଇ ସାରିଥିଲେ କପିଳେନ୍ଦ୍ରଦେବ । ବାଜି ଉଠିଲେ ଦୁନ୍ଦୁଭି । ଭିତରକୁ ମହାପାତ୍ର ଜୟ ବିଜୟ ଦ୍ୱାରର ମୁଦ ହୋଇଥିବା ଦ୍ୱାର ପରୀକ୍ଷା କଲେ । ସାଙ୍ଗରେ ତାଙ୍କର ପାଳିଆ ମେକାପ, ପ୍ରତିହାରୀ, ଅଖଣ୍ଡେ ମେକାପ ଓ ମୁଦୁଲି । ସମସ୍ତଙ୍କ ସହଯୋଗରେ ଶ୍ରୀମନ୍ଦିରର ଏହି ଜୟବିଜୟ ଦ୍ୱାର ଖୋଲାହେଲା । ହାତରେ ଗୋଟିଏ ପ୍ରଜ୍ୱଳିତ ଦୀପଧରି ଭିତରକୁ ମହାପାତ୍ର ଶ୍ରୀମନ୍ଦିରର ଅଭ୍ୟନ୍ତର ପରିଦର୍ଶନ କଲେ । ତାପରେ ସେ ଗର୍ଭଗୃହ ଦ୍ୱାରର ମୁଦଭାଙ୍ଗି ଦ୍ୱାର ଖୋଲିଲେ । ଆରମ୍ଭ ହେଲା ‘ମଣିମା ମଣିମା ’ ଡାକ । ଶାସ୍ତ୍ର, ମନ୍ତ୍ର ଉଚ୍ଚାରଣ ମଧ୍ୟରେ ଗତରାତିର ପ୍ରଦତ୍ତ ଶ୍ରୀଫଳ, ତାମ୍ବୁଳ ଓ ସୁବାସିତ ଜଳକୁ ଭଣ୍ଡାର ଘରକୁ ସ୍ଥାନାନ୍ତରିତ କରାଗଲା ।	
	ରତ୍ନସିଂହାସନ ଉପରେ ତିନିଠାକୁରଙ୍କ ସଦୃଶ୍ୟ ପ୍ରତିମା । ହୁଏତ ଦିଅଁମାନଙ୍କର ନିଦ୍ରାଭଙ୍ଗ ହୋଇନାହିଁ । ସେଥିପାଇଁ ବୋଲାଚାଲିଛି ସୁପ୍ରଭାତମ୍ ସ୍ତୋତ । ବୈଷ୍ଣବମାନେ ମଙ୍ଗଳବାଦ୍ୟ ପରିବେଶ କରୁଛନ୍ତି । ଏତେ ଆରାଧନା, ଏତେ ଅଳିଅର୍ଦ୍ଦଳି ପରେ ଠାକୁରମାନଙ୍କ ନିଦ ଭାଙ୍ଗିଛି । ବର୍ତ୍ତମାନ ବାସିଲୁଗା ବଦଳେଇବାର ସମୟ, ଠାକୁରମାନଙ୍କୁ ତପୋ ବସ୍ତ୍ର ପିନ୍ଧେଇ ଦିଆଯାଇଛି । ତାପରେ ସକାଳର ନିତ୍ୟକର୍ମ ।	

	ଦନ୍ତମଞ୍ଜନ ଓ ଜିହ୍ୱାଲେଖନ । ତିନୋଟି ଦର୍ପଣର ପ୍ରତିବିମ୍ବକୁ ସ୍ନାନ କରାଇ ଠାକୁରମାନଙ୍କ ସ୍ନାନକାର୍ଯ୍ୟ ସମାହିତ ହୋଇଛି । ଅଭିଷେକ ପରେ ଦିଅଁମାନଙ୍କୁ ପିନ୍ଧାଇ ଦିଆଗଲା ନୂତନବସ୍ତ୍ର । ସେମାନଙ୍କର ଶ୍ରୀଅଙ୍ଗ ସଜେଇ ଦିଆଗଲା ଅଙ୍ଗ ଅଳଙ୍କାରରେ, ଫୁଲମାଳରେ । ଏ ଅବକାଶ ପରେ ସର୍ବସାଧାରଣ ଭକ୍ତମାନଙ୍କ ଦର୍ଶନ ପାଇଁ ଓ ସ୍ପର୍ଶନ ପାଇଁ ସାହାଣମେଳା କରି ଦିଆଯାଇଛି ।	
	କପିଳନ୍ଦ୍ରଦେବ ଭାବବିହ୍ୱଳ । ବାହୁ ଉତ୍ତୋଳନ କରି କୃପାଭିକ୍ଷା କରୁଛନ୍ତି ମହାବାହୁଙ୍କର ।	
	ଆପଣଙ୍କୁ ବେଲମାକୋଣ୍ଡାର ଏ ଅକିଞ୍ଚନ ରାଜପ୍ରତିନିଧିର ବିନମ୍ର ପ୍ରଣାମ । ବେଲମାକୋଣ୍ଡାର ରାଜା ଆତ୍ମରକ୍ଷା ପାଇଁ ଓଡ଼ିଶାର ସାହାଯ୍ୟ ଭିକ୍ଷା ପାଇଁ ମୋତେ ଏଠାକୁ ପ୍ରେରଣ କରିଛନ୍ତି । ଆଶା ମୋର ବକ୍ତବ୍ୟ ପରେ ବେଲମାକୋଣ୍ଡାର ଏ ଭିକ୍ଷା ମହାନୁଭବ ଗଜପତିଙ୍କ ଦ୍ୱାରା ସ୍ୱୀକୃତ ହେବ ।	
	ଯବନରାଜ ହୁମାୟୁନ ଶାହା ଖ୍ୱାଜା ଜାହାନ୍, ନିଜାମ ଉଲ୍–ମୁଲକଙ୍କ ସେନାପତିତ୍ୱରେ ଏକ ବିରାଟ ସୈନ୍ୟବାହିନୀ ପ୍ରେରଣ କରିଛି ଦେବରକୋଣ୍ଡା । ସେମାନଙ୍କ ଦ୍ୱାରା ଦେବରକୋଣ୍ଡା ଆଜି ଅବରୁଦ୍ଧ । ବେଲମାରାଜ ମଦୟଲିଙ୍ଗ ବି ଦୁର୍ଗ ଭିତରେ ଅବରୁଦ୍ଧ ଅବସ୍ଥାରେ । ଉତ୍କଳର ବନ୍ଧୁତ୍ୱ ସୂତ୍ରକୁ ଭରସା କରି ମଦୟଲିଙ୍ଗ ଆଜି କପିଳେନ୍ଦ୍ରଦେବଙ୍କ ସାହାଯ୍ୟପ୍ରାର୍ଥୀ । ଏହି ସାହାଯ୍ୟର ପ୍ରତିବଦଳରେ କପିଳେନ୍ଦ୍ରଦେବଙ୍କ ଯେ କୌଣସି ସର୍ତ୍ତ ଗ୍ରହଣ କରିବାକୁ ରାଜା ମଦୟଲିଙ୍ଗ ପ୍ରସ୍ତୁତ । ବିଜାତୀୟ ଯବନମାନଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଗଜପତି ମହାରାଜାଙ୍କ ସମ୍ମତିର ଆଶାୟୀ ଉତ୍ପୀଡ଼ିତ ବେଲମାମାନେ...	
	ଏତକ କହି ଦଣ୍ଡାୟମାନ ହୋଇ ରହିଲେ ବେଲମାରାଜ ମଦୟଲିଙ୍ଗଙ୍କ ଦୂତ । ସଭାକକ୍ଷରେ ଖେଳିଗଲା ଏକ ଚାପା ଗୁଞ୍ଜରଣ । ହୁସେନ ଶାହାର ଏତାଦୃଶ ଆସ୍ପର୍ଦ୍ଧାରେ ସମସ୍ତଙ୍କ ମୁଖମଣ୍ଡଳରେ ବୋଳି ହୋଇଗଲା କ୍ରୋଧ ଓ କ୍ଷୋଭର ଏକ ଶକ୍ତ ଆସ୍ତରଣ । କପିଳନ୍ଦ୍ରଦେବ ଲକ୍ଷ୍ୟ କରୁଥିଲେ ସଭାସଦ୍‌ମାନଙ୍କର ପରିବର୍ତ୍ତିତ ମାନସିକ ଅବସ୍ଥାକୁ । ଏହାହିଁ ଉଚିତ ସମୟ । ବାହମନୀର ହୟପତିର ଦୁଃସାହସ ଓ ଅଭିଳାଷକୁ ଧୂଳିସାତ୍ କରିବାପାଇଁ ଏହାହିଁ ଉପଯୁକ୍ତ ସୁଯୋଗ ।	
	ମଦୟଲିଙ୍ଗଙ୍କୁ ସାହାଯ୍ୟ କରିବାପାଇଁ, ତାଙ୍କୁ ବିପଦମୁକ୍ତ କରିବାପାଇଁ ଉତ୍କଳୀୟ ସୈନ୍ୟପ୍ରେରଣ ପାଇଁ ନିର୍ଦ୍ଦେଶଦେଲେ ଗଜପତି କପିଳେନ୍ଦ୍ରଦେବ । ଏଥର କିନ୍ତୁ ବାହମନୀ ଅଭିଯାନର ନେତୃତ୍ୟ ନେବେ ସେ ନିଜେ ।	
	ବୃଦ୍ଧ କପିଳେନ୍ଦ୍ର ଦେବଙ୍କ ଏ ନିଷ୍ପତ୍ତି କିନ୍ତୁ ହମ୍ବୀରଙ୍କୁ ସନ୍ତୁଷ୍ଟ କଲାନାହିଁ । ସେ ଥାଉ ଥାଉ ବାପା ସାଆନ୍ତଙ୍କର ଏ ବୟସରେ ଯୁଦ୍ଧାଭିଯାନ କରିବାର ଆବଶ୍ୟକତା କଣ ? କିନ୍ତୁ କପିଳେନ୍ଦ୍ରଦେବଙ୍କର ଯୁକ୍ତି ଅନେକ ଯୁଦ୍ଧ ପରିଚାଳନା କରି ହମ୍ବୀର ଉତ୍କଳର ଯଶ ବୃଦ୍ଧି କରିଛନ୍ତି । ତାଙ୍କର ପାଇଁ କପିଳେନ୍ଦ୍ରଦେବ ଆଜି ଏତେ ବଡ଼ ଭୂଖଣ୍ଡର ନୃପତି । ନିଜର ପରିବାର, ସ୍ତ୍ରୀ ପୁତ୍ରଙ୍କ ସହିତ କେତେଦିନ କାଳାତିପାତ କରିଛନ୍ତି ଏହି ରଣରଙ୍କ ବୀର ହମ୍ବୀର ? ଆଜି ସେ କ୍ଳାନ୍ତ । ତାଙ୍କର ବିଶ୍ରାମ ଦରକାର । କପିଳେନ୍ଦ୍ରଦେବ କେବଳ ଉତ୍କଳର ଗଜପତି ନୁହନ୍ତି, ଉତ୍କଳର ସମ୍ରାଟ ନୁହନ୍ତି, ସେ ହମ୍ବୀରଙ୍କ ପିତା – ଉତ୍ତରା ତାଙ୍କର କୁଳବଧୂ । କିନ୍ତୁ ହମ୍ବୀରଙ୍କ ଯୁକ୍ତି ମଧ୍ୟ ଅକାଟ୍ୟ ।	
	"ବୀରର ଜୀବନରେ କ୍ଳାନ୍ତି ନ ଥାଏ ପିତା ! ଆପଣ ଓଡ଼ିଶାର ଗଜପତି, ବିଚକ୍ଷଣ ସେନାନାୟକ । ଆପଣଙ୍କର ଆଜ୍ଞା ଅମାନ୍ୟ କରିବାର ଅସ୍ପର୍ଦ୍ଧା ମୋର ନାହିଁ । ତେବେ ତେଲିଙ୍ଗାନା ଅଞ୍ଚଳରେ ମୋର ଅଭିଜ୍ଞତା ଦୃଷ୍ଟିରୁ ଏ ଅଭିଯାନର ନେତୃତ୍ୱ ନେବାର ସୁଯୋଗ ମୋତେ ଦିଆଯାଉ । ଆପଣ କୋଣ୍ଡାଭିଡୁରେ ଉପସ୍ଥିତ ରହି ଆମମାନଙ୍କୁ ଉତ୍ସାହିତ କରନ୍ତୁ । ତା' ପରେ ଏ ପୁତ୍ର ଆପଣଙ୍କ ପାଇଁ ନିଜ ଜୀବନ ବିନିମୟରେ ବିଜୟଶ୍ରୀ ଆଣିଦେବ ।"	

	ହମ୍ବୀରଙ୍କ ଏ ପ୍ରସ୍ତାବରେ ସଭାସଦମାନେ ଏକମତ ହେଲେ ।	
	ଗଜପତିଙ୍କ ମଧ୍ୟ ବିଶେଷ କିଛି କହିବାର ନଥିଲା । ହମ୍ବୀରଙ୍କୁ ଏ ଅଭିଯାନର ନେତୃତ୍ୱ ଦେବାରେ ତାଙ୍କର ଏତେଟିକେ ଦ୍ୱିଧା ନଥିଲା... ସେହିଁ ତ ଓଡ଼ିଶାର ଭବିଷ୍ୟତ । ଓଡ଼ିଆର ଗର୍ବ ଓ ଗୌରବର ପ୍ରତୀକ ।	
	"ହମ୍ବୀର କିନ୍ତୁ ଗ୍ରାମବାସୀମାନଙ୍କର ଏପରି ଅଭିଯୋଗରେ ହତୋତ୍ସାହ ହୋଇପଡ଼ିଲେ । ସେ ଜାଣିଥିଲେ ସେମାନଙ୍କ ମନରେ ପ୍ରତ୍ୟୟ ଓ ଭରସା ସୃଷ୍ଟି କରିବା କେତେ କଠିନ କାର୍ଯ୍ୟ । ସବୁଠାରୁ ସେ ଅଧିକ ବ୍ୟଥିତ ହୋଇଥିଲେ ... ଉତ୍କଳବାସୀମାନଙ୍କର ଏତାଦୃଶ ଆଚରଣରେ । ଉତ୍କଳୀୟମାନେ ତ ଆଉ ଲୁଣ୍ଠନକାରୀ ନୁହନ୍ତି ! ହମ୍ବୀରଙ୍କ ଦାକ୍ଷିଣାତ୍ୟ ଅଭିଯାନ କେବଳ ଏକ ସାମରିକ କାର୍ଯ୍ୟାନୁଷ୍ଠାନ ନୁହେଁ । ଧନରତ୍ନ ଲୁଣ୍ଠନ କରିବା ଏକ ଅଭିଯାନର ଉଦ୍ଦେଶ୍ୟ ନୁହେଁ । ସାମ୍ରାଜ୍ୟ ବିସ୍ତାର ଏ ଦିଗ୍‌ବିଜୟରର ଉଦ୍ଦେଶ୍ୟ । ଏପରି ଏକ ଉଦ୍ଦେଶ୍ୟ କେବେହେଲେ ଚରିତାର୍ଥ ହେବନାହିଁ ଯଦି ବିଜିତ ଜନସାଧାରଣମାନେ ବିପ୍ଳବ କରନ୍ତି । ସେମାନଙ୍କ ସହାନୁଭୂତି ହାସଲ କରିବାକୁ ହେଲେ ... ସେମାନଙ୍କୁ ବିଜୟୀ ଶକ୍ତିର ମହତ୍ ଉଦ୍ଦେଶ୍ୟ ଦେଖେଇବାକୁ ପଡ଼ିବ । ବିଜିତ ରାଜ୍ୟରେ ଯଦି ବିହିତ ଶାସନତାନ୍ତ୍ରିକ ବ୍ୟବସ୍ଥା ପ୍ରତିଷ୍ଠିତ ହୋଇ ନପାରିଲା, ତା ହେଲେ ଅରାଜକତା ସୃଷ୍ଟି ହେବା ସ୍ୱାଭାବିକ । ବିଜିତ ରାଜ୍ୟମାନଙ୍କର ସୁରକ୍ଷା ଓ ସେଠାକାର ଅଧିବାସୀମାନଙ୍କର ନିରାପତ୍ତା ଆମର ପ୍ରଥମ କର୍ତ୍ତବ୍ୟ । ନହେଲେ ସେମାନେ ଆମକୁ ସ୍ୱାର୍ଥପର ଲୁଣ୍ଠନକାରୀ ନ କହି ଆଉ କଣ କହିବେ । ବିଜିତ ଅଧିବାସୀମାନଙ୍କର ଧାରଣା ହେବା ଦରକାର ଯେ ପୂର୍ବଶାସନ ଅପେକ୍ଷା ବର୍ତ୍ତମାନର ଶାସନ ଅଧିକ ଜନପ୍ରିୟ, ଅଧିକ ଲୋକହିତକର । ଏପରି ନ ହେଲେ ଜନସାଧାରଣଙ୍କ ମନରେ ବିଜୟୀ ଆକ୍ରମଣକାରୀଙ୍କ ପ୍ରତି ଅସୂୟା, ଘୃଣାଭାବ ବଢ଼ିବ । ସେମାନେ ଅପମାନିତ ବୋଧ କରିବେ, ପ୍ରତିଶୋଧ ପରାୟଣ ହୋଇଉଠିବେ । ଗୋଟାଏ ସୈନ୍ୟବାହିନୀକୁ ଧରାଶାୟୀ କରିଦେବା ସହଜ । ଗୋଟାଏ ଦୁର୍ଗକୁ ଅବରୁଦ୍ଧ କରି ନିଜ ଆୟତ୍ତକୁ ଆଣିବା ସହଜ ନୁହେଁ । ଜନ ଅସନ୍ତୋଷର ପ୍ରତିକାର ଅବଶ୍ୟ ଦରକାର । ନହେଲେ ତାହା ଶାସନ କ୍ଷେତ୍ରକୁ ଦୁର୍ବଳ କରିଦିଏ । "	
	ସେଥିପାଇଁ ବିଜିତ ଅଞ୍ଚଳମାନଙ୍କରେ ଉତ୍କଳୀୟମାନଙ୍କର ଦିଗ୍‌ବଳୟ ମହତ୍ ଉଦ୍ଦେଶ୍ୟ ପ୍ରଚାର କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କଲେ ହମ୍ବୀର । ବାସବ ଭୂପାଳ ଓ କପିଳେଶ୍ୱରଙ୍କ ନିକଟକୁ ଖବର ପଠାଗଲା ଏହି ମର୍ମରେ । ଦାକ୍ଷିଣାତ୍ୟ ଅଭିଯାନର ଯାତ୍ରାପଥରେ ପଡୁଥିବା ମନ୍ଦିରମାନଙ୍କରେ ନିଜେ ହମ୍ବୀର ପୂଜାର୍ଚ୍ଚନା ଓ ଦାନଧର୍ମ କଲେ । ପତନୋନ୍ମୁଖୀ ମନ୍ଦିରମାନଙ୍କର ରକ୍ଷଣାବେକ୍ଷଣର ଓ ପୁନଃନିର୍ମାଣର ବ୍ୟବସ୍ଥା ମଧ୍ୟ କରାଗଲା ।	
	ଏ ସମସ୍ତ ଅବସ୍ଥାପରେ ତାମିଲ ଭୂଖଣ୍ଡରେ ଓଡ଼ିଆ ସୈନ୍ୟବାହିନୀ ପ୍ରତି ସହାନୁଭୂତି ଓ ସମ୍ମାନ ମଧ୍ୟ ଜାଗ୍ରତ ହେବାକୁ ଲାଗିଲା ।	
	ତାମିଲମାନେ ଅନୁଭବ କଲେ ଯେ ସେମାନେ ଦୁର୍ବଳ ସାଲ୍ୱ ରାମଚନ୍ଦ୍ରଙ୍କ ଅଧୀନରେ ସୁରକ୍ଷିତ ନୁହନ୍ତି । ବରଂ ଗଜପତି କପିଳେନ୍ଦ୍ରଦେବଙ୍କ ବଳିଷ୍ଠ ଶାସନାଧୀନରେ ସେମାନେ ଅଧିକ ସୁରକ୍ଷିତ ଓ ଅଧିକ ନିରାପଦ । ସେମାନଙ୍କର ଶିବମନ୍ଦିର ବା ଗଣପତିଙ୍କ ମନ୍ଦିର ପ୍ରତି ଏତେଟିକେ ଅସହିଷ୍ଣୁଭାବ ନାହିଁ ଉତ୍କଳୀୟ ବୈଷ୍ଣବମାନଙ୍କର । ବରଂ ଜଗନ୍ନାଥଙ୍କ ଦେଶର ଘଟିଛି ସବୁଧର୍ମର ସମନ୍ୱୟ । ଶ୍ରୀ ଜଗନ୍ନାଥ କୌଣସି ସଂକୀର୍ଣ୍ଣ ଧର୍ମ ସଂପ୍ରଦାୟର ଦେବତା ନୁହନ୍ତି । ସେ ସାରା ଜଗତର ନାଥ ... ସାରା ବ୍ରହ୍ମାଣ୍ଡର ଦେବତା । ଓଡ଼ିଶାର ସୈନ୍ୟବାହିନୀ ତାଙ୍କରି ଆଶିର୍ବାଦରେ ବଳୀୟାନ । ସେମାନଙ୍କର ଏ ଦିଗ୍‌ବିଜୟରେ ଧନଲୁଣ୍ଠନର ଲୋଭ ନାହିଁ । ସେମାନଙ୍କର ଏ ଦିଗବିଜୟ, ଏ ସଂଗ୍ରାମ ଶ୍ରୀ ଜଗନ୍ନାଥଙ୍କ ଯଶସମ୍ମାନ ଓ	

	ଗଜପତିଙ୍କର ଗର୍ବ ଗୌରବର ବୃଦ୍ଧିପାଇଁ । ବୀରଭୋଗ୍ୟା ବସୁନ୍ଧରା । ସେଥିପାଇଁ ଗ୍ରହଣ କରିନେବାକୁ ହେବ ଶକ୍ତିଶାଳୀ ଗଜପତିଙ୍କ ଶାସନ ।	
	"କିନ୍ତୁ ଏ ପରିବର୍ତ୍ତିତ ପରିସ୍ଥିତିରେ ଏ ସମସ୍ତ ପ୍ରସ୍ତାବ ଗ୍ରହଣୀୟ କି ? ହଁ ... କପିଳେଶ୍ୱରର ଚନ୍ଦ୍ରଗିରି ପ୍ରସ୍ଥାନ ପ୍ରସ୍ତାବ ଗ୍ରହଣୀୟ । ରଘୁଦେବକୁ ରାଜମହେନ୍ଦ୍ରୀ ପ୍ରେରଣ ଏକାନ୍ତ ଯୁକ୍ତିଯୁକ୍ତ । କିନ୍ତୁ ଶିଶୁପୁତ୍ର ଓ ପତ୍ନୀ ସହ ମୋର ଉତ୍ତର ଦିଗକୁ ଯାତ୍ରା ... ଯଦି ପରିଣତି ହାନିକାରକ ହୁଏ ?"	
	"ଏତେସବୁ ଆଶଙ୍କା କରିବା ସ୍ପୃହଣୀୟ ନୁହେଁ ସ୍ୱାମୀ । ଆମର ତ କୌଣସି ମନ୍ଦ ଅଭିପ୍ରାୟ ନାହିଁ । ଆମେ ଆମର କର୍ତ୍ତବ୍ୟ କରିଯିବା । ବାକି ସବୁ ସେହି ଶ୍ରୀଜଗନ୍ନାଥଙ୍କ ହାତରେ । ଅବଶେଷରେ ତାଙ୍କରି ଇଚ୍ଛା ତ ପୂରଣ ହେବ । ଆମେ କିବା ଛାର । ତେଣୁ ଏତେ ଚିନ୍ତା, ଏତେ ଦ୍ୱିଧା ଭିତରେ ହନ୍ତସନ୍ତ ହେବା କଣ ଦରକାର ? .... ତୁମେ ଗଜପତିଙ୍କ ପୁତ୍ର । ଦେଖିବ ତାଙ୍କୁ ସାକ୍ଷାତ କଲେ – ପିତା ପୁତ୍ରଙ୍କର ମିଳନ ହେଲେ ମନରେ ଜାଗରୁକ ହୋଇଥିବା ଅନେକ ଦ୍ୱନ୍ଦ ଅନେକ ସନ୍ଦେହର ପରିସମାପ୍ତି ହେବ । ପରସ୍ପରର ସମସ୍ୟା ବୁଝିବାକୁ ଦୁହେଁ ସମର୍ଥ ହେବ । ତୁମେ ଫେରିପାଇବ ତୁମର ମାନସିକ ଶାନ୍ତି । ଆଉ ଗଜପତି କପିଳନ୍ଦ୍ରଦେବ ବି ଆଶ୍ୱସ୍ତ ହେବେ । ଏବଂ ଏହି ସାକ୍ଷାତ ଅବସରରେ ଯଦି ପାର, ତାଙ୍କୁ ତାଙ୍କର ନିଷ୍ପତ୍ତିର କାରଣ ମଧ୍ୟ ପଚାରିପାର । ସେ ଓଡ଼ିଶାର ଗଜପତି – ଓଡ଼ିଶା ସାମ୍ରାଜ୍ୟର ସମ୍ରାଟ । ସଠିକ୍ ଉତ୍ତର ସେ କେବଳ ଦେଇପାରିବେ ତୁମର ସମସ୍ତ ଅସମାହିତ ପ୍ରଶ୍ନର ।"	
	ହମ୍ବୀର ଚାହିଁଲେ ପୁଣିଥରେ ଉତ୍ତରାଙ୍କ ମୁଖଶ୍ରୀକୁ । ଆଜି ପର୍ଯ୍ୟନ୍ତ ସେ ତାଙ୍କ ମୁଖରେ କେବଳ ଦେଖିଥିଲେ ଏକ ପତ୍ନୀର ସରଳ ଆତ୍ମନିବେଦନ ବା ଆତ୍ମସମର୍ପଣ । କିନ୍ତୁ ଆଜି ... ତାଙ୍କର ଏ ବିପଦସମୟରେ ଉତ୍ତରାଙ୍କର ଏ ଦୃଢ଼ତା, ଏ ସ୍ୱାର୍ଥହୀନ ମହାନୁଭବତା ... ତାଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଲା । ସେ ଉତ୍ତରାଙ୍କ ଜ୍ଞାନଦୀପ୍ତ ମୁଖମଣ୍ଡଳ ପର୍ଯ୍ୟବେକ୍ଷଣ କରୁଥିଲେ । ରାଜନୀତିର ଏ ଜଟିଳ ଅଭିବ୍ୟକ୍ତି ପରେ ବି ତାଙ୍କ ମୁଖଶ୍ରୀରେ ସେହି ଅପରୂପ ସରଳ କୋମଳତା । ସେହି ସଦାସୁଲଭ ପ୍ରସନ୍ନତା । ଉତ୍ତରାଙ୍କ ବିରାଟତ୍ୱରେ ମୁଗ୍ଧ ହମ୍ବୀର ଆତ୍ମସତ୍ତା ହେଇ ବସିଲେ । ଉତ୍ତରାଙ୍କ ବ୍ୟକ୍ତିତ୍ୱ ଭିତରେ ନିଜକୁ କିଛି ସମୟ ହଜେଇ ଦେବାର ଇଚ୍ଛା ପ୍ରବଳ ହେଲା ହମ୍ବୀରଙ୍କର । ଉତ୍ତରା ବି ଚାହିଁଲେ ହମ୍ବୀରଙ୍କୁ । ସେ ଚାହାଣିରେ ଖାଲି ପ୍ରେମ ବା ଆତ୍ମନିବେଦନ ନଥିଲା ... ସେ ଚାହାଣିରେ ଥିଲା ଭବିଷ୍ୟତର ଅନେକ ପ୍ରତିଶ୍ରୁତି । ହମ୍ବୀର ଓ ଉତ୍ତରା ନିକଟରୁ ନିକଟତର ହେଲେ ... ପରସ୍ପର ଭିତରେ ନିଜ ନିଜର ବ୍ୟକ୍ତିଗତ ସତ୍ତା ଲୋପ କରିବା ପର୍ଯ୍ୟନ୍ତ ।	
	ରଘୁଦେବ ନରେନ୍ଦ୍ରଙ୍କୁ ନିର୍ଦ୍ଦେଶ ଦିଆଗଲା ରାଜମହେନ୍ଦ୍ରୀ ଯାତ୍ରା କରିବାକୁ । କପିଳେଶ୍ୱର, ତମ୍ମା ଭୂପାଳ, ବାସବ ଭୂପାଳଙ୍କୁ ଆଦେଶ ଦିଆଗଲା ଚନ୍ଦ୍ରଗିରି ଯାତ୍ରାକରି ସାଲ୍ୱ ନରସିଂହର ସମର ପ୍ରସ୍ତୁତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେବାକୁ । ତାର ସମ୍ଭାବ୍ୟ ଆକ୍ରମଣକୁ ପ୍ରତିହତ କରିବାକୁ ।	
	କେତେଜଣ ଅଶ୍ୱାରୋହୀଙ୍କ ସହିତ ହମ୍ବୀର ନିଜେ ପ୍ରସ୍ତୁତହେଲେ ଉତ୍ତର ଦିଗକୁ ଯାତ୍ରାକରିବା ପାଇଁ ... ଗଜପତି କପିଳନ୍ଦ୍ରଦେବଙ୍କ ସାକ୍ଷାତପାଇଁ । ତାଙ୍କ ସାଂଗରେ ଉତ୍ତରା ଓ ନରହରିଙ୍କ ଯିବା ପ୍ରସ୍ତାବ ଆପାତତଃ ସ୍ଥଗିତ ରହିଲା । ସେମାନେ ତେଣୁ ରହିଲେ ଉଦୟଗିରି ଦୁର୍ଗରେ ।	
	ଶୁଣିଥିଲେ ହମ୍ବୀର – ପିତା କପିଳେନ୍ଦ୍ରଙ୍କ ଶାରୀରିକ ଅବସ୍ଥା ଭଲନୁହେଁ । ସେ ଅସୁସ୍ଥ । ତା ସାଂଗକୁ ଏ ପରିଣତ ବୟସରେ ଦାକ୍ଷିଣାତ୍ୟ ଅଭିଯାନ ! ନା ... ଯେତେଶୀଘ୍ର ସମ୍ଭବ ତାଙ୍କୁ ସାକ୍ଷାତ କରିବାକୁ ହେବ । ତାଙ୍କ ମନରୁ ସବୁ କ୍ଷୋଭ, ସବୁ ଗ୍ଲାନି ଦୂରକରିବାକୁ ହେବ । ତାଙ୍କ ପାଖରେ ସ୍ପଷ୍ଟ କରିଦେବାକୁ ହେବ ଯେ ହମ୍ବୀର ବିଦ୍ରୋହୀ ନୁହଁ ... ସେ ବିଦ୍ରୋହୀ ହୋଇପାରେନା । ସବୁ ଅନ୍ୟାୟ, ସବୁ	

	ଅବିଚାର ସହିଯିବାର ଶକ୍ତି ତା'ର ଅଛି । ଆଜି ବି ସେ ପିତା ଗଜପତିଙ୍କର ଆଜ୍ଞାବହ ପୁତ୍ର ହମ୍ବୀର ।	
	ବିଜୟନଗରର ରାଜସିଂହାସନରେ ବିରୂପାକ୍ଷଙ୍କୁ ଅଧିଷ୍ଠିତ କଲାପରେ ସାଲ୍ୱ ନରସିଂହ ଖୁବ୍ ପ୍ରଭାବଶାଳୀ ଓ ଶକ୍ତିଶାଳୀ ହୋଇ ଉଠିଛନ୍ତି । ବିରୁପାକ୍ଷ ଦୁର୍ବଳ ; ରାଜନୀତି, ରଣନୀତି ଓ ଶାସନ କାର୍ଯ୍ୟରେ ଅନଭିଜ୍ଞ ଏବଂ ଅପାରଗ । ତେଣୁ ସେ ନାମମାତ୍ର ନରପତି । ଶକ୍ତି ଓ ଆଧିପତ୍ୟ ଦୃଷ୍ଟିରୁ ସାଲ୍ୱ ନରସିଂହ ବିଜୟନଗରର ବାସ୍ତବ ଶାସକ ।	
	ତେବେ ବିରୂପାକ୍ଷଙ୍କୁ ବିଜୟନଗର ସିଂହାସନରେ ଅଧିଷ୍ଠିତ କଲାପରେ ସାଲ୍ୱ ନରସିଂହ ପ୍ରସ୍ଥାନ କରିଥିଲେ ଚନ୍ଦ୍ରଗିରି ଅଭିମୁଖେ । ଏଥର କିନ୍ତୁ ସେ ହୀନବଳ ନୁହନ୍ତି । ସମଗ୍ର ବିଜୟନଗର ରାଜଶକ୍ତି ଓ ସାମରିକ ଶକ୍ତି ତାଙ୍କ ହାତମୁଠାରେ । ତେଣେ ଚନ୍ଦ୍ରଗିରି ଉପରେ ଓଡ଼ିଶାର ସାମରିକ ନିୟନ୍ତ୍ରଣ କ୍ରମଶଃ ଦୁର୍ବଳ ହୋଇଆସୁଥିଲା ।	
	ଏହାର ସୁଯୋଗ ନେଇ ସାଲ୍ୱ ନରସିଂହ ତିରୁଚିନାପଲ୍ଲୀ, କାଞ୍ଚି ଓ ଚନ୍ଦ୍ରଗିରି ଅଧିକାର କରି ନେଇଥିଲେ । କାବେରୀଠାରୁ ପେନାର ନଦୀ ପର୍ଯ୍ୟନ୍ତ କରମଣ୍ଡଳ ଉପକୂଳର ଏକ ବିସ୍ତୃତ ଅଞ୍ଚଳ ସେ ନିଜ ଅଧିକାରକୁ ନେଇ ଆସିଥିଲେ । ଓଡ଼ିଶାର ରାଜନୈତିକ ପଟ୍ଟପରିବର୍ତ୍ତନ ଓ ଅସ୍ଥିରତା ଯୋଗୁଁ ... ନରସିଂହଙ୍କର ପରିବୃଦ୍ଧ ସାମରିକ କାର୍ଯ୍ୟକଳାପକୁ ପ୍ରତିହତ କରିବା ପାଇଁ ସମର୍ଥ ନଥିଲେ ଉଦୟଗିରିର ପ୍ରାଦେଶିକ ଶାସକ ।	
	ଚନ୍ଦ୍ରଗିରିରେ ପୁନଃ ପ୍ରତିଷ୍ଠିତ ହେଲା ସାଲ୍ୱ ନରସିଂହଙ୍କ ରାଜଧାନୀ ନିଜର ପରିବାରବର୍ଗ ସହିତ ସାଲ୍ୱ ନରସିଂହ ପୁଣିଥରେ ଚନ୍ଦ୍ରଗିରିରେ ବସବାସ କରିବାକୁ ଲାଗିଲେ । ସାଲ୍ୱ ନରସିଂହଙ୍କ ପତ୍ନୀ ତପାମ୍ବିକା ଓ କନ୍ୟା ରୂପାମ୍ବିକା ପୁଣିଥରେ ଫେରିଆସିଲେ ଚନ୍ଦ୍ରଗିରି ।	
	ପ୍ରଥମେ ଚନ୍ଦ୍ରଗିରିକୁ ଶକ୍ତ ଓ ସମୃଦ୍ଧ କରିବାରେ ମନୋନିବେଶ କଲେ ସାଲ୍ୱ ନରସିଂହ । ସେ ଜାଣିଥିଲେ ରାଜ୍ୟ ଶାସନ ପାଇଁ ଚନ୍ଦ୍ରଗିରି ଏକ ସୁରକ୍ଷିତ ସ୍ଥାନ । ଓଡ଼ିଆମାନଙ୍କର ଘନଘନ ଆକ୍ରମଣରୁ କାବେରୀ ଓ କୃଷ୍ଣା ମଧ୍ୟରେ ଅବସ୍ଥିତ ତାମିଲ ଅଞ୍ଚଳଗୁଡ଼ିକର ସୁରକ୍ଷା ପାଇଁ ଚନ୍ଦ୍ରଗିରି ଦୁର୍ଗର ପ୍ରାଧାନ୍ୟ ଯଥେଷ୍ଟ ଅଧିକ ଥିଲା । ତାପରେ ଚନ୍ଦ୍ରଗିରିର ଅନତିଦୂରରେ ଥିଲା କାଞ୍ଚିନଗ୍ର । ତାମିଲ ସାହିତ୍ୟ, କଳା ଓ ସଂସ୍କୃତିର ପ୍ରାଣକେନ୍ଦ୍ର ଥିଲା ଏହି କାଞ୍ଚି । ଏହି ଐତିହାସିକ ସହରର ପ୍ରଧାନ ଓ ପ୍ରମୁଖ ଦେବତା ଥିଲେ ଗଣପତି । ନିଜେ ସାଲ୍ୱ ନରସିଂହ ଗଣପତିଙ୍କର ଜଣେ ପରମ ଉପାସକ । ବାସ୍ତବରେ ତାଙ୍କ ପାଇଁ ଗଣପତି ଥିଲେ ଶକ୍ତି ସାମର୍ଥ୍ୟର ଦେବତା, ଗର୍ବ ଗୌରବର ଦେବତା । ଗଣପତିଙ୍କ ବ୍ୟତୀତ କାଞ୍ଚିର ଅନ୍ୟତମ ପ୍ରମୁଖ ଦେବତା ଥିଲେ ବରଦାରାଜ । ବରଦାରାଜଙ୍କ ମନ୍ଦିର ଥିଲା ବୈଷ୍ଣବମାନଙ୍କର ପ୍ରଧାନ ଉପସେନାସ୍ଥଳି । ଚନ୍ଦ୍ରଗିରି ରାଜ୍ୟ ଓଡ଼ିଆମାନଙ୍କର ଅଧିକାରରେ ଥିବାବେଳେ ବରଦାରାଜଙ୍କ ମନ୍ଦିର ଦିଗବଜୟୀ ଓଡ଼ିଆମାନଙ୍କର ଏକ ପ୍ରଧାନ ଉପସନାସ୍ଥଳୀରେ ପରିଣତ ହୋଇଥିଲା । କାରଣ ଓଡ଼ିଆମାନେ ବସ୍ତୁତଃ ଶ୍ରୀଜଗନ୍ନାଥଙ୍କ ଉପାସକ ଥିଲେ । ଅତଏବ ସେମାନେ ଥିଲେ ବିଷ୍ଣୁ ଉପାସକ - ବୈଷ୍ଣବ । ଚନ୍ଦ୍ରଗିରି ମହାମଣ୍ଡଳର ଏହି ଆକର୍ଷଣୀୟ ଓ ରମଣୀୟ ନଗରରେ ଅନେକ ଧର୍ମ, ଅନେକ ସମ୍ପ୍ରଦାୟର ଲୋକେ ସମବେତ ହେଉଥିଲେ ।	
	କପିଳେଶ୍ୱରଙ୍କୁ ଚନ୍ଦ୍ରଗିରି ପଠାଇବା ନିଷ୍ପତ୍ତି ହୁଏତ ଠିକ ହୋଇନାହିଁ । ସେ ନିଜେ ନେଇପାରିଥାନ୍ତେ ଚନ୍ଦ୍ରଗିରି ଅଭିଯାନର ନେତୃତ୍ୱ ! ତାହାହିଁ ହୋଇଥାନ୍ତା ଅଧିକ ଯୁକ୍ତିଯୁକ୍ତ । ଏମିତି ଏକ ଧାରଣାର ବଶବର୍ତ୍ତୀ ହୋଇଥିଲେ ହମ୍ବୀର । କପିଳେଶ୍ୱର ଯୁବକ । ଯୁବକ ହେଲେ ବି ସୈନ୍ୟଦଳକୁ ନେତୃତ୍ୱ ଦେବାର ଅଭିଜ୍ଞତା ତାଙ୍କର ଅଛି । କିନ୍ତୁ ବର୍ତ୍ତମାନର ପ୍ରତିକୂଳ ପରିସ୍ଥିତିରେ ... ନିଜର ସାମର୍ଥ୍ୟର କି	

	ପରିଚୟ ଦେଇପାରିବେ କପିଳେଶ୍ୱର । ଶତ୍ରୁ ପ୍ରବଳ ପରାକ୍ରମଶାଳୀ । ଓଡ଼ିଶାରୁ ଅଧିକ ସାହାଯ୍ୟ ମିଳିବାର ସମ୍ଭାବନା ନାହିଁ । କହିବାକୁ ଗଲେ ଏ ଯୁଦ୍ଧାଭିଯାନ ଏକ ଦୁଃସାହସ ।	
	କୌଣସି ଉପାୟରେ ନିଜକୁ ବୁଝେଇ ପାରୁନଥିଲେ ହମ୍ବୀର । ଏହି କେତେଦିନ ହେବ ସବୁ କେମିତି ଓଲଟପାଲଟ ହୋଇଯାଉଛି । ତାଙ୍କର ଜୀବଦ୍ଦଶାରେ ଏପରି ମାନସିକ ଦୁର୍ଭାବନାର ଶିକାର ସେ କେବେ ହୋଇନଥିଲା । କେବେ ସେ ହୋଇନଥିଲେ ସର୍ବଗ୍ରାସୀ ହତାଶାର ଶରବ୍ୟ । ଯୁଦ୍ଧକ୍ଷେତ୍ରରେ ଅନ୍ତତଃ ତାଙ୍କପାଇଁ ଅସମ୍ଭବ ବୋଲି କିଛି ନଥିଲା । କିନ୍ତୁ ଏ ପରିଣତ ବୟସରେ ସବୁ କେମିତି ବିପରୀତ ଘଟୁଛି । ତାଙ୍କର ଆଉ ଆତ୍ମବିଶ୍ୱାସ ରହୁନାହିଁ । ସେ ମନୋବଳ ହରାଇ ବସୁଛନ୍ତି । କାହା ଉପରେ ଭରସା କରିପାରୁ ନାହାନ୍ତି । ବେଳେବେଳେ ଅଯଥା ଆଶଙ୍କାଗ୍ରସ୍ତ ହୋଇପଡୁଛନ୍ତି ।	
	ସେ ଜାଣନ୍ତି, ଜଣେ କ୍ଷତ୍ରୀୟର ଜୀବନରେ ଏସବୁ ଦୁର୍ବଳତା ଶୋଭନୀୟ ନୁହେଁ । ଏପରି କଳ୍ପନା ଅବାଞ୍ଛନୀୟ । ତଥାପି – ତଥାପି, ଚେଷ୍ଟାକରି ମଧ୍ୟ ଏସବୁ ଦୁଶ୍ଚିନ୍ତାରୁ ନିଜକୁ ମୁକ୍ତକରି ପାରୁନାହାନ୍ତି । ତାଙ୍କ ପାଖରେ ବସିଛନ୍ତି ଉତ୍ତରା । ହମ୍ବୀର କିନ୍ତୁ ଆନମନା । ଉତ୍ତରା ନୀରବ । ସେ ତ ସବୁବେଳେ ଏମିତି ଅସହାୟ ! ନୀରବ ରହିବା, ଆଖିରୁ ଲୁହଗଡ଼େଇ ଅପେକ୍ଷା କରିବା ତାଙ୍କର ଅଭ୍ୟାସ । ପଚାଶ ବର୍ଷର ବୈବାହିକ ଜୀବନ ତାଙ୍କର ପ୍ରାୟ ଏମିତି କଟିଛି । ସ୍ୱାମୀ ଯୁଦ୍ଧକ୍ଷେତ୍ରରେ । କୈଶୋର ଅବସ୍ଥାରୁ ପୁତ୍ର କପିଳେଶ୍ୱର ବି ଯୁଦ୍ଧ କ୍ଷେତ୍ରରେ । ଯୁଦ୍ଧକ୍ଷେତ୍ର ତ ଏମାନଙ୍କର କର୍ମଭୂମି । ସ୍ତ୍ରୀ, ପରିବାର, ମାନ, ଅଭିମାନ, ଭାବପ୍ରବଣତା ଏମାନଙ୍କ ପାଖରେ ତୁଚ୍ଛ । ତଥାପି ବେଳେ ବେଳେ ଗର୍ବ ଲାଗେ ଏମାନଙ୍କୁ ନେଇ । ହମ୍ବୀରଙ୍କ ସମକକ୍ଷ ସେନାନାୟକ କିଏ ଅଛି ସାରା ଭାରତ ବର୍ଷରେ ?	
	କିନ୍ତୁ ଆଜି – ଉତ୍ତରା ସବୁବେଳା ଆଶଙ୍କାଗ୍ରସ୍ତ । ଅନିଶ୍ଚିତ ଭବିଷ୍ୟତକୁ ନେଇ ସବୁବେଳେ ଚିନ୍ତିତ ସେ । ଗଜପତି କପିଳେନ୍ଦ୍ରଦେବଙ୍କ ପରେ ସବୁ କେମିତି ଅନିଶ୍ଚିତ ହୋଇଯାଇଛି । ଘଟିଚାଲିଛି ଗୋଟାଏ ପରେ ଗୋଟାଏ ଅଘଟଣ । ଅଘଟଣର ସୀମା ନାହିଁ ଯେମିତି ! ସବୁବେଳେ ଖାଲି ଦୁଃସମ୍ବାଦ । ଗୋଟାଏ ହେଲେ ସୁସମ୍ବାଦ ନାହିଁ । ସୁସମ୍ବାଦର ଅକାଳ ପଡ଼ିଛି ଏହି କୋଣ୍ଡାଭିଡୁରେ ।	
	ଉତ୍ତରା କିନ୍ତୁ ସବୁଠାରେ ବେଶି ହତାଶା ହୋଇପଡ଼ିଛନ୍ତି ହମ୍ବୀରଙ୍କ ଏ ଭାରାକ୍ରାନ୍ତ ଅବସ୍ଥା ଦେଖି । ରଣରଙ୍କ ହମ୍ବୀର ଯୁଦ୍ଧକରି ଜାଣନ୍ତି । ପ୍ରକାଶ୍ୟ ଯୁଦ୍ଧକ୍ଷେତ୍ରରେ ଶତ୍ରୁମାନଙ୍କୁ ନିପାତ କରି ଜାଣନ୍ତି । ଶତ୍ରୁର ସମସ୍ତ ବ୍ୟୁହ ରଚନା ବ୍ୟର୍ଥ କରିପାରନ୍ତି । ସବୁ ଦାଓପେଞ୍ଚ ପଣ୍ଡ କରିପାରନ୍ତି । କିନ୍ତୁ ସେ ସରଳ । ସ୍ୱାର୍ଥନ୍ୱେଷୀ, ଜଟିଳ ରାଜନୀତିରେ ସେ ପ୍ରବେଶ କରିପାରନ୍ତି ନାହିଁ । ଆଜି କିନ୍ତୁ ଯୁଦ୍ଧ ଅପେକ୍ଷା କୂଟନୀତିର ଆବଶ୍ୟକତା ଅଧିକ । ସମୟ ବଦଳିଛି । ନିରୋଳା ଯୁଦ୍ଧରେ ବୀରତ୍ୱ ପ୍ରଦର୍ଶନ କରି ବିଜୟଶ୍ରୀ ବିମଣ୍ଡିତ ହେବା ଅସମ୍ଭବ । ଆଜିର ସମର ଏକ ଦ୍ୟୁତକ୍ରୀଡ଼ା । ଏଠି ଶକୁନିର ପଶାକାଠି ଦରକାର ।	
	ଉତ୍ତରା ଚାହିଁଥିଲେ ହମ୍ବୀର ପ୍ରକୃତିସ୍ଥ ହୁଅନ୍ତୁ । ତାଙ୍କ ମନରେ ଆଶାର ସଞ୍ଚାର ହେଉ । କିନ୍ତୁ କେମିତି ସେ ପ୍ରକୃତିସ୍ଥ କରିବେ ହମ୍ବୀରଙ୍କୁ ? କେମିତି କହିବେ, ପୁଣିଥରେ ସୁସମୟ ଫେରି ଆସିବ ସ୍ୱାମୀ । ନିଜର ତ ଭରସା ନାହିଁ । ଜ୍ୟେଷ୍ଠପୁତ୍ର କପିଳେଶ୍ୱର ପ୍ରସ୍ଥାନ କରିଛି ଚନ୍ଦ୍ରଗିରି ଅଭିଯାନରେ । ସମସ୍ତ ପ୍ରତିକୂଳ ପରିସ୍ଥିତିରେ ଆରମ୍ଭ ହୋଇଛି ଏ ଯୁଦ୍ଧଯାତ୍ରା । ସେ ଯିବାପରେ କୋଣ୍ଡାଭିତରେ ଥିବା ସମସ୍ତ ଦେବଦେବୀଙ୍କୁ ଦର୍ଶନ କରି ପୁତ୍ରର ଶୁଭମନାସି ମାନସିକ କରିସାରିଲେଣି ସେ ।	
	ଜନପଦ ପରେ ଜନପଦ ଅତିକ୍ରମ କରି ଓଡ଼ିଶାର ପାଇକବାହିନୀ ଆଗେଇ ଚାଲିଛି ଚନ୍ଦ୍ରଗିରି ଅଭିମୁଖେ । ଗଜପତି ପୁରୁଷୋତ୍ତମଙ୍କ ଚନ୍ଦ୍ରଗିରି ଯାତ୍ରା । ସାଲ୍ୱ ନରସିଂହର ଗର୍ବଚୂର୍ଣ୍ଣ ପାଇଁ । କପଟ ଯୁଦ୍ଧରେ ଓଡ଼ିଶାର ପରାଭବର ପ୍ରତିଶୋଧ ନେବାପାଇଁ । ଓଡ଼ିଶାର ଗର୍ବଗୌରବ ସ୍ୱାଭିମାନର ପୁନଃପ୍ରତିଷ୍ଠା	

	ପାଇଁ । ଶ୍ରୀଜଗନ୍ନାଥଙ୍କ ଦର୍ଶନ ଓ ପୂଜାର୍ଚ୍ଚନାପରେ ଆରମ୍ଭ ହୋଇଛି ଏ ଯୁଦ୍ଧଯାତ୍ରା । ଏହା ମଧ୍ୟରେ ଗୋଟିଏ ଦିନ ଅତିବାହିତ ହେଲାଣି ଯୁଦ୍ଧଯାତ୍ରାର ଦ୍ୱିତୀୟ ଦିବସ । ମଧ୍ୟାହ୍ନ ଆଗତପ୍ରାୟ । ହଠାତ୍ ଆଗରେ କୋଳାହଳ ଶୁଭିଲା କେହି ଜଣେ ରମଣି ଗଜପତିଙ୍କୁ ସାକ୍ଷାତ କରିବାକୁ ଚାହୁଁଛି । ପୁରୋଭାଗରେ ଥିବା ସୈନ୍ୟ ଗୋପାଳୁଣୀ । ତାହାର ଯାହା କହିବା କଥା ସେ କେବଳ ଗଜପତିଙ୍କୁ କହିବ ।	
	କିଛି ସମୟ ପାଇଁ ସ୍ଥଗିତ ରହିଲା ଯୁଦ୍ଧଯାତ୍ରା । ଗୋପାଳୁଣୀଙ୍କୁ ତାଙ୍କ ପାଖରେ ଉପସ୍ଥିତ କରାଇବାକୁ ଆଦେଶ କଲେ ଗଜପତି ପୁରୁଷୋତ୍ତମଦେବ । କଣ ଅଭିଯୋଗ ଏହି ଲଳନାଟିର ? କାହିଁକି ସେ ବାଟ ଓଗାଳି ବସିଛି ଗଜପତିଙ୍କର ସାକ୍ଷାତ ପାଇଁ ? କଣ ପାଇଁ ତା'ର ଏ ଆସ୍ପର୍ଦ୍ଧା ? ତଥାପି ଗୋପାଳୁଣୀର ଆସ୍ପର୍ଦ୍ଧାର କାରଣ ତ ଜାଣିବାକୁ ହେବ । ... ଯଥାସମୟରେ ଲଣନାଟିକୁ ଉପସ୍ଥିତ କରାଗଲା ଶ୍ରୀଛାମୁରେ ।	
	ବାଟ ଓଗାଳିବାର କାରଣ ପୁଚ୍ଛାକଲେ ଗଜପତି ପୁରୁଷୋତ୍ତମଦେବ । ତାଙ୍କ ମନରେ କୌତୂହଳ । କୌତୂହଳ ଅନ୍ୟ ସମସ୍ତଙ୍କ ମନରେ । ହତବାକ୍ ହୋଇଯାଇଥିଲା ଗୋପାଳୁଣୀଟି । ଖାଲି ପସରା ତଳେ ଥୋଇଦେଇ ସେ ଆବାକାବା ହୋଇ ଏଣେ ତେଣେ ଚାହୁଁଥିଲା । ଏତେ ସୈନ୍ୟସାମନ୍ତ, ପଦାତିକ, ଅଶ୍ୱାରୋହୀ, ଗଜାରୋହୀ ଓ ରଥାହୁଡ଼ ସୈନ୍ୟସାମନ୍ତ ଓ ଥାଟବାଟ ଦେଖି ସେ ତାଟକା ହୋଇଯାଇଥିଲା । ଏମିତି ଥାଟବାଟ, ଏଡ଼େବଡ଼ ଯୁଦ୍ଧଯାତ୍ରା ସେ କେବେ ଦେଖି ନଥିଲା । କେମିତି ବା ଦେଖିବ ? କେଉଁ ଅଖ୍ୟାତ ପଲ୍ଲୀର ଦରିଦ୍ର ଗୋପାଳୁଣୀଟିଏ ସେ । ଦୁଧ, ଦହି, ଲହୁଣି, ଛେନା ବିକିବା ତାର ବେଉସା । ସକାଳୁ ସକାଳୁ ପସରା ସଜାଡ଼ି ସେ ପାଖଗାଁକୁ ବାହାରିଯାଏ ବେପାର କରିବାକୁ । ଗାଧୁଆବେଳକୁ ତାର ବେପାର ସରିଯାଇଥାଏ । ଅଣ୍ଟିରେ ଅଣ୍ଟିଏ କଉଡ଼ିଧରି ସେ ଫେରେ ।	
	ଆଜି କିନ୍ତୁ ଦୁର୍ଭାଗ୍ୟ ତାର । ସକାଳୁ ସକାଳୁ ବାହାରି ଆସିଥିଲା ପସରା ସଜେଇ । ରାସ୍ତା ଉପରକୁ ଉଠିଛି କି ନାହିଁ ... ଅଶ୍ୱ ଝପଟାଇ ପହଁଚିଗଲେ ଦୁଇଜଣ ଘୋଡ଼ସବାର । ଅପୂର୍ବ ତେଜ ସେ ଅଶ୍ୱାରୋହୀ ଦୁଇଜଣଙ୍କର । ମୁହଁକୁ ଚାହିଁଲେ ଆଖି ଖୋସି ହୋଇଯିବ । ଜଣେ ଦେଖିବାକୁ କଳାମେଘ ବର୍ଣ୍ଣତ ଆଉଜଣେ ଗୋରା ତକତକ । କଳାଘୋଡ଼ାରେ ଧଳା ଘୋଡ଼ସବାର ତ ଧଳାଘୋଡ଼ାରେ କଳା ଘୋଡ଼ସବାର । ସେମାନଙ୍କୁ ଦେଖି ସତରେ ଆଖିର ପଲକ ପଡ଼ିଲାନି ଏହି ଅକିଞ୍ଚନ ଗୋପାଳୁଣୀଟିର । ସେମାନେ ମଧ୍ୟ ଓହ୍ଲେଇ ପଡ଼ିଲେ ଘୋଡ଼ା ଉପରୁ । କାହିଁ କେତେ ଦୂରରୁ ଘୋଡ଼ାଚଢ଼ି ଆସିଛନ୍ତି । କ୍ଳାନ୍ତ ହୋଇପଡ଼ିଥିଲେ ସେମାନେ । ଦେହରୁ ସେମାନଙ୍କର ଗମଗମ ଝାଳ ବାହାରୁଥିଲା । ସେମାନେ ଗୋପାଳୁଣୀକୁ ପାଖକୁ ଡ଼ାକିଲେ । କହିଲେ, "ଆମକୁ ଭାରି ଶୋଷ । ତୁମ ପସରାରୁ ଦହିଦେବ ପିଇବାକୁ ।" କିବା କଥା ... ସେ ତ ଦହି ଆଣିଛି ବିକିବାକୁ । ଦବନାହିଁ କାହିଁକି ? ପିଉ ପିଉ ସବୁତକ ଦହି ପିଇଦେଲେ ଅଶ୍ୱାରୋହୀ ଦି ଜଣ । ତା' ସାଙ୍ଗକୁ ଲହୁଣିତକ ବି ଚାଟିଦେଲେ କଳାଘୋଡ଼ସବାର ଜଣକ । ମୁହଁଯାକ ଲହୁଣି ସାଲୁବାଲୁ । ତାଙ୍କୁ ଚାହିଁ ଅନ୍ୟଜଣକ ମୁରୁକି ହସୁଥିଲେ । ଗୋପାଳୁଣୀର ପଣତ କାନି ଧରି ମୁହଁ ପୋଛିଲେ ଲହୁଣିଖିଆ ଅଶ୍ୱାରୋହୀ ଜଣକ । ଅଥଚ ଗୋପାଳୁଣୀ ପ୍ରତିବାଦ କରିପାରିଲା ନାହିଁ । ତାକୁ ଲାଗୁଥିଲା ଯେମିତି ଅଝଟିଆ ପୁଅଟାଏ ତାଙ୍କ ପଣତକାନିରେ ମୁହଁ ପୋଛୁଚି । ମନେମନେ ଭାରି ଖୁସି ଗୋପାଳୁଣୀ । ପୁଳାଏ କଉଡ଼ି ତ ନିଶ୍ଚୟ ମିଳିବ !	
	ହେଲେ ଅଶ୍ୱାରୋହୀ ଦୁଇଜଣ ପରସ୍ପର ମୁହଁକୁ ଚାହିଁଲେ । ଉଭୟଙ୍କ ମୁହଁରେ ଛନ୍ଦମୟ ହସ । ଉଭୟ ଚୁପ୍‌ଚାପ୍ ଠିଆ ହୋଇଛନ୍ତି । କଉଡ଼ି ଦେବା ନାଁ ବି ଧରୁନାହାନ୍ତି । କିନ୍ତୁ କଉଡ଼ି ନ ପାଇ ସେ କଣ ଛାଡ଼ିବା ଲୋକ ? ଯେମିତି ହେଲେ କଉଡ଼ି ଆଦାୟ କରିବ ।	

</body></text>
</Doc>